Test Booklet No.
परीक्षा पुस्तिका संख्या

166946

This booklet contains 20 pages.
इस पुस्तिका में 20 पृष्ठ हैं ।

# JBC – 12A

**PAPER II / प्रश्न-पत्र II**

**PART IV & V / भाग IV & V**

**Odia Language Supplement**

**उड़िया भाषा परिशिष्ट**

Test Booklet Code
परीक्षा पुस्तिका संकेत

**X**

**Do not open this Test Booklet until you are asked to do so.**

**इस परीक्षा पुस्तिका को तब तक न खोलें जब तक कहा न जाए ।**

**Read carefully the Instructions on the Back Cover (Page 19 & 20) of this Test Booklet.**

**इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए निर्देशों को ध्यान से पढ़ें ।**

**For instructions in Odia see Page 2 of this booklet. / उड़िया में निर्देशों के लिए इस पुस्तिका का पृष्ठ 2 देखें ।**

## *INSTRUCTIONS FOR CANDIDATES*

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Part I and Part II **OR** III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Blue / Black Ball Point Pen only** for writing particulars on this page / marking responses in the Answer Sheet.
5. The CODE for this Language Booklet is **X**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part IV : Language I – (Odia) *(Q. 91 to Q. 120)*
   Part V : Language II – (Odia) *(Q. 121 to Q. 150)*
7. Part IV contains 30 questions for Language I and Part V contains 30 questions for Language II. In this Test Booklet, only questions pertaining to Odia language have been given. **In case the language/s you have opted for as your Language I and/or Language II is a language other than Odia, please ask for a Test Booklet that contains questions on that language. The languages being answered must tally with the languages opted for in your Application Form.**
8. **Candidates are required to attempt questions in Part V (Language II) in a language other than the one chosen as Language I (in Part IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

## *परीक्षार्थियों के लिए निर्देश*

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **उड़िया** भाषा में देना चाहते हैं, लेकिन दोनों नहीं ।
2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से ।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं । भाषा परिशिष्टों को आप अलग से माँग सकते हैं ।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल नीले/काले बॉल पॉइंट पेन** का प्रयोग करें ।
5. इस भाषा पुस्तिका का **संकेत** है **X**. यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य प्रश्न पुस्तिका पर छपे संकेत से मिलता है । अगर यह भिन्न हो तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग IV : भाषा I — (उड़िया) *(प्र. 91 से प्र. 120)*
   भाग V : भाषा II — (उड़िया) *(प्र. 121 से प्र. 150)*
7. भाग IV में भाषा I के लिए 30 प्रश्न और भाग V में भाषा II के लिए 30 प्रश्न दिए गए हैं । इस परीक्षा पुस्तिका में केवल उड़िया भाषा से संबंधित प्रश्न दिए गए हैं । **यदि भाषा I और/या भाषा II में आपके द्वारा चुनी गई भाषा(एँ) उड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए । जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिएँ ।**
8. **परीक्षार्थी भाग V (भाषा II) के लिए, भाषा सूची से ऐसी भाषा चुनें जो उनके द्वारा भाषा I (भाग IV) में चुनी गई भाषा से भिन्न हो ।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें ।
10. सभी उत्तर केवल OMR उत्तर पत्र पर ही अंकित करें । अपने उत्तर ध्यानपूर्वक अंकित करें । उत्तर बदलने हेतु श्वेत रंजक का प्रयोग निषिद्ध है ।

SEAL

Name of the Candidate (in Capitals) : ____________________
परीक्षार्थी का नाम (बड़े अक्षरों में) :

Roll Number (अनुक्रमांक) : in figures (अंकों में) ____________________

: in words (शब्दों में) ____________________

Centre of Examination (in Capitals) : ____________________
परीक्षा केन्द्र (बड़े अक्षरों में) :

Candidate's Signature : ____________________ Invigilator's Signature : ____________________
परीक्षार्थी के हस्ताक्षर : निरीक्षक के हस्ताक्षर :

Facsimile signature stamp of Centre Superintendent ____________________

ଏହି ପୁସ୍ତକରେ 20 ପୃଷ୍ଠା ଅଛି ।

# JBC – 12A

ପରୀକ୍ଷା ପୁସ୍ତକ କୋଡ

**X**

## ପ୍ରଶ୍ନପତ୍ର II
## ଭାଗ IV & V
## ଓଡ଼ିଆ ଭାଷା ପରିଶିଷ୍ଟ

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ ।**

***ପରୀକ୍ଷାର୍ଥୀଙ୍କନିମନ୍ତେ ନିର୍ଦ୍ଦେଶାବଳୀ:***

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ ଓଡ଼ିଆ ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ ।**
2. ପରୀକ୍ଷାର୍ଥୀଗଣ ଭାଗ I ଓ ଭାଗ II **ଅଥବା** ଭାଗ III ଭାଗ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।
3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ ବ୍ଲୁ କିମ୍ବା ବ୍ଲାକ ବଲ୍ ପଏଣ୍ଟ ପେନ୍‌ରେ** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **X** । ମୁଖ୍ୟ ପ୍ରଶ୍ନପତ୍ରର ଉପର ଓ ଉତ୍ତରଖାତାର **ପୃଷ୍ଠା–2** ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ – ଭାଗ IV ଓ ଭାଗ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।
   ଭାଗ IV : ଭାଷା I – (ଓଡ଼ିଆ) *(ପ୍ରଶ୍ନ 91 ରୁ 120)*
   ଭାଗ V : ଭାଷା II – (ଓଡ଼ିଆ) *(ପ୍ରଶ୍ନ 121 ରୁ 150)*
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଗହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫକାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ମାର୍କ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀର ନାମ (ବଡ ଅକ୍ଷରେ ଲେଖନ୍ତୁ) : ____________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ ____________________

: ଶବ୍ଦରେ ଲେଖନ୍ତୁ ____________________

ପରୀକ୍ଷା କେନ୍ଦ୍ର (ବଡ ଅକ୍ଷରେ ଲେଖନ୍ତୁ) : ____________________

ପରୀକ୍ଷାର୍ଥୀର ହସ୍ତାକ୍ଷର : ____________ ନିରୀକ୍ଷକଙ୍କର ହସ୍ତାକ୍ଷର ____________

Facsimile signature stamp of

Centre Superintendent : ____________________

Candidates should answer questions from the following Part only if they have opted for **ODIA** as **LANGUAGE – I.**

# ଭାଗ IV
# ଭାଷା I
# ଓଡ଼ିଆ

*ନିର୍ଦ୍ଦେଶ : ସବୁଠାରୁ ଉପଯୁକ୍ତ ଉତ୍ତର ନିର୍ବାଚନକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ ।*

**91.** ଅଭିନେତା ପାଇଁ ସମଷ୍ଟିବାଚକ ବିଶେଷ୍ୟ ହେଉଛି : ଏକ

(1) ନାଟ୍ୟଦଳ

(2) ଜ୍ଞାନିକବୀ

(3) ଚରିତ୍ର

(4) ଅଧ୍ୟାପନ

**92.** 'ତମେ ପଚାର, ଆମର ଲକ୍ଷ୍ୟ କ'ଣ ? ଗୋଟିଏ ଶବ୍ଦରେ ମୁଁ ଉତ୍ତର ଦେଇପାରେ : 'ବିଜୟ' ଏପରି ପ୍ରଶ୍ନଟି ହେଉଛି

(1) ଅର୍ଥଦ୍ୟୋତକ, ବ୍ୟାଖ୍ୟାମୂଳକ

(2) ଆଳଂକାରିକ

(3) ପାରଂପରିକ ଶୈଳୀଯୁକ୍ତ

(4) ଅବିଲମ୍ବେନିଷ୍ପନ୍ନ

**93.** ଟ୍ରେନର ଝରକା ପାଖକୁ ଲାଗି ଜଣେ ଯାତ୍ରୀ ବସିଛନ୍ତି ଏବଂ ତମେ ତାଙ୍କଦ୍ୱାରା ଝରକାଟି ବନ୍ଦ କରିବାକୁ ଚାହୁଁଛ କେମେତି ତାଙ୍କୁ ଅନୁରୋଧ କରିବ ?

(1) ଦୟାକରି ଝରକାଟି ବନ୍ଦ କରିବେ

(2) ଆପଣ ଝରକାଟି ବନ୍ଦ କରିପାରିବେ ?

(3) ଆପଣକଦ୍ୱାରା ଝରକାଟି ବନ୍ଦ ହୋଇପାରିବ କି ?

(4) ଝରକାଟି ମୁଁ ବନ୍ଦ କରିପାରିବି

**94.** ବିନିମୟଟିକୁ ପଢ । ଏଠି ଶିକ୍ଷକ ଅଛନ୍ତି

ଶିକ୍ଷକ : ଯୁଁ ପରିବର୍ତ୍ତେ ଏ ଗଳ୍ପ ବହିଟି ପଢିବ କି ?

ଛାତ୍ର : ହଁ

ଶୀକ୍ଷକ : ହଁ, ଆରମ୍ଭ କରନ୍ତୁ

(1) ଯ ପରିବର୍ତ୍ତେ କୌଣସି ଏକ ଭାଷାଭିତ୍ତିକ ବିଷୟ ଦିଅ

(2) ବିନମ୍ର ସହକାରେ ଭାଷାର ବ୍ୟବହାରକୁ ଲକ୍ଷ୍ୟକର

(3) ପଢା ଆରମ୍ଭ କରିବା ପାଇଁ ଏକ ବିନମ୍ର ପ୍ରସ୍ତାବ ଦିଅ

(4) ଛାତ୍ରଙ୍କ ଅନୁରୋଧକୁ ସ୍ୱୀକୃତି ଦିଅ

**95.** କେଉଁଟି ବ୍ୟବହାର ଶବ୍ଦ

(1) ପ୍ରତ୍ୟେକ ବ୍ୟକ୍ତି

(2) ସେଟିଙ୍ଗ

(3) ସୃଷ୍ଟିକରିବା

(4) କୌଣସିଟି ନୁହେଁ

**96.** ପଢିଲାବେଳେ May, Might, Can, Could ଆଦିର ବ୍ୟବହାରରେ ଯେଉଁ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ, ସେମାନେ ଗୁରୁତ୍ୱ ଦିଅନ୍ତି –

(1) ବିଷୟଗତ ଅର୍ଥ

(2) ପୂର୍ବ ଶବ୍ଦର ଅର୍ଥ

(3) ସେମାନଂକ ବାକ୍ୟପଠନ ବିଧିର ସ୍ଥାନ

(4) ସେମାନଂକ ଅର୍ଥ

97. ଡାକବାଲା ଦିନ ଏଗାରଟାବେଳେ ଚିଠି ଦେଇଗଲା ଚିଠିଟି ଡାକବାଲା ଦ୍ୱାରା ଦିଆ ଯାଇଥିଲା ବିଦ୍ୟାର୍ଥୀମାନଂକ ଦୃଷ୍ଟି ଆକର୍ଷଣ କରି ଦୁଇଟି ବାକ୍ୟର ପାର୍ଥକ୍ୟକୁ ଦେଖାଇ ଦିଆଯାଇପାରେ –

(1) ଶବ୍ଦ ସଜ୍ଜୀକରଣରେ ପାର୍ଥକ୍ୟ

(2) ଦୁଇବାକ୍ୟରେ କର୍ତ୍ତା ଏବଂ କର୍ମର ଭୂମିକା

(3) କ୍ରିୟା ବାଚକ ଶବ୍ଦ ବ୍ୟବହାରରେ ପରିବର୍ତ୍ତନ

(4) କର୍ମବାଚ୍ୟରେ 'ଦ୍ୱାରା' ବ୍ୟବହାର

98. କେଉଁ ଯୁଗ୍ମ ଶବ୍ଦ 'ଜ୍ଞାନାତ୍ମକଶୈଳୀ' (cognitive style) କୁ ନିର୍ଦ୍ଦେଶ କରୁଛି ?

(1) ସକ୍ରିୟ/ନିଷ୍କ୍ରିୟ

(2) ସର୍ବାତ୍ମକ/ବିଶ୍ଳେଷଣଧର୍ମୀ

(3) ବ୍ୟାଖ୍ୟାତ୍ମକ/ସାହିତ୍ୟିକ

(4) ଆବେଗିକ/ବୁଦ୍ଧିଦୀପ୍ତ

99. ଭାଷାଶିକ୍ଷଣ ଓ ଆକଳନରେ 'କାର୍ଯ୍ୟ' (Portfolio) ଅଙ୍ଗୁଳି ନିର୍ଦ୍ଦେଶ କରୁଛି –

(1) ପ୍ରତ୍ୟେକ ଥରରେ ମୌଖିକ ପରୀକ୍ଷା

(2) ଏକ ନିର୍ଦ୍ଦିଷ୍ଟ ସମୟ ଶେଷରେ ବିଦ୍ୟାର୍ଥୀର କାର୍ଯ୍ୟ ଏବଂ ତଜ୍ଜନିତ ଉନ୍ନତି

(3) ପ୍ରତିଥର ବିଦ୍ୟାର୍ଥୀ ମାନଂକ ବ୍ୟବହାର ଉପରେ ଏକ ରେକର୍ଡ ଶିକ୍ଷକ ପ୍ରସ୍ତୁତି କରିଥାନ୍ତି

(4) କାଗଜ କଲମ ଦ୍ୱାରା ଅନୁଷ୍ଠିତ ସାମୟିକ ପରୀକ୍ଷା

100. ପଠନ ସମୟରେ 'ରୂପାନ୍ତରୀକରଣ' (Decode) ର ଅର୍ଥ

(1) ଜଟିଳ ଧନ୍ଦାର ସମାଧାନ

(2) ବିଶ୍ଳେଷଣ ଏବଂ ବୁଝିବା

(3) ଏକ ବିଦେଶୀ ଭାଷାକୁ ବୁଝିବା

(4) ICT ବ୍ୟବହାରେ କାଳୀନ ଏକ ପ୍ରକ୍ରିୟା

101. ପ୍ରଥମ ବକ୍ତା : ଏକେ ତମର ମା' ଆସିଛନ୍ତି କି ?
ଦ୍ୱିତୀୟ ବକ୍ତା : ହଁ
ବିଦ୍ୟାର୍ଥୀର କଥନ-ଶ୍ରବଣ କୌଶଳ ପରୀକ୍ଷାବେଳେ ସାଧିତ ପରିବର୍ତ୍ତନ ପାଇଁ ନମ୍ବର କବିଥାଏ

(1) ପ୍ରଥମ ବକ୍ତା

(2) ଦ୍ୱିତୀୟ ବକ୍ତା

(3) ପୃଭୟ

(4) କେହି ନୁହନ୍ତି

102. ଲିଖନ ସମୟରେ ଏକ ସଂଯୋଜକ ସାଧନ ବ୍ୟବହୃତ ହେଇଥାଏ

(1) ବିଲୋପ

(2) ବିଶେଷଣ

(3) ଅବ୍ୟୟ

(4) ବାକ୍ୟାଂଶ

103. ଯଦି ଲେଖାଟି ସଂକ୍ଷିପ୍ତ ଏବଂ ସଂପୂର୍ଣ୍ଣ ହୋଇଥାଏ, ତୃତୀୟ ପୁରୁଷରେ ଏହା ଯଦି ଅବାନ୍ତର ତଥ୍ୟ ଏବଂ ଆବେଗିକ ଅତିରିକ୍ତ ଗୁଣରହିତ ତଥା ଯୁକ୍ତିସିଦ୍ଧ ଭାବେ ଉପସ୍ଥାପିତ ହୋଇଥାଏ, ତାହେଲେ ଏହା ହେଉଛି –

(1) ସ୍ମାରକପତ୍ର (ଦାବିପତ୍ର)

(2) ବିବରଣୀ

(3) ସମ୍ବାଦପତ୍ରପାଇଁ ଲିଖିତ ପ୍ରବନ୍ଧ

(4) ବର୍ଗୀଭୂତ ବିଜ୍ଞାପନ (ସଜ୍ଜୀକୃତ ବିଜ୍ଞାପନ)

104. 'ସୂର୍ଯ୍ୟପରାଗ କେବେ ହୁଏ ?' ପ୍ରଶ୍ନଟି ଏଠାରେ ବୁଝାଇଛି –

(1) ବର୍ତ୍ତମାନକାଳ

(2) ଭବିଷ୍ୟତକାଳ

(3) ନିରନ୍ତର ବର୍ତ୍ତମାନ

(4) ଅତୀତକାଳ

105. NCF 2005ର ସୁପାରିଶ ଅନୁସାରେ ଲିଖନ ପଠନ ସମୟରେ ସ୍କୁଲ କେବେବି ସ୍ୱତନ୍ତ୍ରଧ୍ୟାନ ଦେଇପାରିବ ନାହିଁ, ବିଶେଷକରି ଏହି 'ସବୁ କ୍ଷେତ୍ରରେ –

(1) ମାତୃଭାଷା

(2) ହିନ୍ଦୀ

(3) ଅନ୍ୟ ବିଦେଶୀଭାଷା

(4) ଇଂରାଜୀ

*ନିର୍ଦ୍ଦେଶ : ନିମ୍ନ ପ୍ରଦତ୍ତ ଗଦ୍ୟାଂଶଟି ପାଠକରି ଉପଯୁକ୍ତ ଓ ସଠିକ୍ ଉତ୍ତରଟି ନିର୍ବାଚନକର । (ପ୍ରଶ୍ନ 106–114)*

ଅଧିକାଂଶ ଲୋକେ ଲୋକମତକୁ ଭାରି ଡ଼ରନ୍ତି, କାଳେ ଲୋକେ କଅଣ କହିବେ ପରା ! କିନ୍ତୁ 'ଲୋକମତ' ଜିନିଷଟା କିମାକାର ବସ୍ତୁ, ଭଲା କେତେ ଲୋକ ତଦାରଖ କରନ୍ତି ? ଏହି ଜାନୁଆରକୁ କିଏ କେତେ ଭାବରେ ଚିତ୍ରି ଯାଇଅଛନ୍ତି । ରାମଚନ୍ଦ୍ର ସୀତାଙ୍କୁ ନିର୍ବାସନ ଦଣ୍ଡ ବିଧାନ କରିଥିଲେ, କେବଳ ଏହି ଜନ୍ତୁକୁ ଭୟ କରି । ଲୋକାପବାଦ ଓ ଲୋକମତର ପରାକ୍ରମ ଢ଼େର ବେଶି; କିନ୍ତୁ ଟିକିଏ ଥୟକରି ଦେଖିଲେ ଜାଣିପାରିବ ଯେ, ଏ ଗୋଟିଏ 'ହୋ' । ଗୋଟିଏ ତାରକୁ ଦୁଇଆଡେ ଟାଣି ବାନ୍ଧିଦିଅ, ଗୋଟିଏ ଅଂଶରେ ଟିକିଏ ଟଂ କରି ଆଘାତ କରିଦିଅ ଦେଖିବ ଯେ, ଶବ୍ଦଟି ତାର ତମାମ ବ୍ୟାପିଯିବ ଓ ତାରଟି ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଶବ୍ଦମୟ ହୋଇଯିବ । ପୂର୍ବରୁ ଏଥିର ଗୋଟିଏ ଉଦାହରଣ ଅଛି, ତାହା ଅବଶ୍ୟ ଅଧିକାଂଶ ପାଠକ ଜାଣନ୍ତି ।

ଯେଉଁମାନେ ଜାଣନ୍ତି ନାହିଁ, ସେମାନଙ୍କ ଉପକାର ନିମନ୍ତେ ପୁନରୁକ୍ତି ଦୋଷ ମାର୍ଜନୀୟ । ଏକ ରାଜାଙ୍କ ଉଆସର ଜଣେ ଧୋବା ଥିଲା । ସେ ଧୋବାର ଲୁଗାବୁହା ଗଧଟିର ନାମ ବୁଧିଆ । ଦିନେ ସେ ଗଧଟି ମରିଗଲା । ଧୋବାର କାର୍ଯ୍ୟ ଅଚଳ ହେଲା । ସେ ଗଧକୁ ବାହୁନିକରି ଧୋବା କାନ୍ଦୁଥାଏ । ରାଜାଙ୍କର ଜଣେ ପାଖଲୋକ ଧୋବାକୁ କାନ୍ଦିବାର କାରଣ ପଚାରିବାରୁ ଧୋବା କାନ୍ଦି କାନ୍ଦି ଉତ୍ତର ଦେଲା, 'ବୁଧିଆଟି ମରିଗଲା' । ଭୃତ୍ୟ ଏହା ଶୁଣି କାନ୍ଦି କାନ୍ଦି ନଅରକୁ ଆସି ସମସ୍ତ ଭୃତ୍ୟଙ୍କୁ କହିଲା, 'ବୁଧିଆଟି ମରିଗଲା' । ଭୃତ୍ୟଯାକ ସମସ୍ତେ ବୁଧିଆକୁ ବାହୁନିକରି କାନ୍ଦିଲେ । ରାଣୀମହଲରେ ଏ ଖବର ପହଞ୍ଚିଲାରୁ ରାଣୀଯାକ ମଧ୍ୟ ବୁଧିଆ ନାଁ ଧରି କାନ୍ଦିଲେ । ରାଜା ଶୁଣିଲେ, ସେ ମଧ୍ୟ ବୁଧିଆ ଯୋଗୁଁ କେତେ କାନ୍ଦିଲେ । ନଅରବ୍ୟାପୀ କୋଳାହଳ ବୁଧିଆ ଯୋଗୁଁ ପଡ଼ିଗଲା । ଯେଉଁଠାରେ ଶୁଣ, ବୁଧିଆର ବିୟୋଗ ହେତୁ ଶୋକ । ଏହି ଶୋକସମ୍ବାଦ ମନ୍ତ୍ରୀଙ୍କ କାନରେ ପଡ଼ିବାରୁ ମନ୍ତ୍ରୀ ନଅରକୁ ଆସି ଦେଖିଲେ, ଏପରି ସମାଚାର ! ସେ ରାଜାଙ୍କୁ ପଚାରିଲେ, ଯେଉଁ ବୁଧଆପାଇଁ କାନ୍ଦୁଛନ୍ତି ସେ ବୁଧିଆ କିଏ ? ରାଣୀମାନେ ଭୃତ୍ୟ ମହଲକୁ ସମ୍ବାଦ ଦେଲେ, ଭୃତ୍ୟମାନେ ପ୍ରଥମ ଭୃତ୍ୟକୁ ପଚାରିଲେ; ପ୍ରଥମ ଭୃତ୍ୟ ଉପାୟାନ୍ତର ନ ଦେଖି ଧୋବା ନିକଟକୁ ଯାଇ, ଶେଷରେ ସ୍ଥିର କରିଆସିଲା ଯେ ଧୋବାର ମୃତ ଗଧଟିର ନାମ ବୁଧିଆ ! ସେ ସମ୍ବାଦ ରାଜାଙ୍କୁ ଏତଲା ହେବାରୁ ଅବଶେଷରେ ଶୋକର ରୋଳ କମିଗଲା । ଅଧିକାଂଶ ଲୋକାପବାଦ, ଜନମତ ଏହିପରି ଉପାଦାନରେ ଗଠିତ ।

ଆମର ଏ କଥାକୁ ବିଶ୍ୱାସ ନ କରି ସୁଦ୍ଧା ସାଧାରଣତଃ ପରୀକ୍ଷା କରିଦେଲେ ସନ୍ଦେହ ତୁଟିଯିବ । ତୁମ୍ଭେ ଦାଣ୍ଡରେ ପାଟିକରି ଦଉଡ଼ "ଆରେ ! ଚୋର ଗଲାରେ ! ଆରେ ଚୋର ଗଲାରେ" – ଦେଖିବ, ଦଣ୍ଡକ ମଧ୍ୟରେ ଶତାଧିକ ଲୋକ ତୁମର ଅନୁଗାମୀ ହେବେ ଓ ଚିତ୍କାର କରିବେ । କିନ୍ତୁ ଶତକଡ଼ା ଜଣେ ସୁଦ୍ଧା ତୁମ ପଛରେ ଦଉଡ଼ିବା ପୂର୍ବରୁ ତୁମ୍ଭଙ୍କୁ ପ୍ରଥମେ ଚୋରର ବୃତ୍ତାନ୍ତ ବା ତଥ୍ୟ ପଚାରିବାକୁ ଯିବ ନାହିଁ । ଅଧିକାଂଶ ଲୋକାପବାଦ, ଜନରବ, ଜେଜେକାର, ଜନମତ କେବଳ ଅନ୍ଧବିଶ୍ୱାସ, ଚିନ୍ତାଶୂନ୍ୟ, ଅନୁମାନ, ବିଚାରହୀନ ଅନୁସରଣର ଫଳ ।

**106.** ଲୋକମତ ଜିନିଷଟା କ'ଣ ?

(1) ଜାନୁଆର

(2) ଗୋଟିଏ ତାର

(3) କିମାକାର ବସ୍ତୁ

(4) ଡରିବାର ଭାବ

**107.** ଉପକାର ନିମନ୍ତେ କ'ଣ ମାର୍ଜନୀୟ ?

(1) ଲୋକାପବାଦ

(2) ହୋ

(3) ପୁନରୁକ୍ତି ଦୋଷ

(4) ଲୋକ ମତ

**108.** ବୁଧିଆର ମୃତ୍ୟୁ ସଂବାଦ ପ୍ରଥମେ କିଏ ଜାଣିଲା ?

(1) ଧୋବା

(2) ନଅରବାସୀ

(3) ରାଜାଙ୍କର ଜଣେ ପାଖ ଲୋକ

(4) ଭୃତ୍ୟମାନେ

**109.** ରାଣୀମାନେ ବୁଧିଆ ପାଇଁ କିପରି କାନ୍ଦିଲେ ?

(1) ବୁଧିଆ ନାଁ ଧରି

(2) କୋଳାହଳ କରି

(3) ଚିତ୍କାର କରି

(4) ବୁଧିଆକୁ ବାହୁନି ବାହୁନି

**110.** ରାମଚନ୍ଦ୍ର ସୀତାଙ୍କୁ ନିର୍ବାସନ ଦଣ୍ଡ କାହିଁକି ଦେଇଥିଲେ ?

(1) କୈକେୟୀଙ୍କୁ ଡରି

(2) ଲୋକମତ ଜନ୍ତୁଙ୍କୁ ଭୟକରି

(3) ସୀତାଙ୍କ ଚରିତ୍ରକୁ ସଂଦେହ କରି

(4) ଆତ୍ମସନ୍ତୋଷ ଲାଗି

**111.** ବୁଧିଆ ଯୋଗୁ ନଅରସାରା କ'ଣ ପଡ଼ିଗଲା ?

(1) କନ୍ଦାକଟା

(2) କୋଳାହଳ

(3) ଶୋକର ରୋଳ

(4) ଶୋକର ଛାୟା

**112.** ତାରର ଗୋଟିଏ ଅଂଶରେ ଆଘାତ କଲେ ଶବ୍ଦଟି କ'ଣ ହେବ ?

(1) ତାର ତମାମ୍ ବ୍ୟାପିଯିବ

(2) ଶବ୍ଦ ମୟ ହୋଇଯିବ

(3) ଗୋଟିଏ ଅଂଶ ଢିଲା ହୋଇଯିବ

(4) ତାରଟି ଟଂ ଟଂ ଶବ୍ଦ କରିବ

**113.** ଚୋରର ବୃତ୍ତାନ୍ତ କିଏ ପଚାରନ୍ତି ନାହିଁ ?

(1) ଶତକଡ଼ା ଜଣେ ଲୋକ ମଧ୍ୟ

(2) ଚିତ୍କାର କରୁଥିବା ଲୋକ

(3) ଜନରବ କରୁଥିବା ଲୋକ

(4) ଶତାଧିକ ଲୋକ

**114.** ଲୋକମତ ଓ ଲୋକା-ପବାଦକୁ ଥୟକରି ଦେଖିଲେ କ'ଣ ଜାଣି ହେବ ?

(1) ଏହାର ପରାକ୍ରମ ଢେର୍ ବେଶି

(2) ଏହା ଭୟ କରିବା ଜିନିଷ

(3) ଏହା ହେଉଛି ଗୋଟିଏ 'ହୋ'

(4) ଏହା ଏକ ଜାନୁଆର

*ନିର୍ଦ୍ଦେଶ : ନିମ୍ନ ପ୍ରଦତ୍ତ କବିତାଂଶକୁ ପଢି ସବୁଠାରୁ ଉପଯୁକ୍ତ ଉତ୍ତରଟି ନିର୍ବାଚନ କର । (ପ୍ରଶ୍ନ 115–120)*

କଂପି ଉଠରେ ମନ-ରାଇଜର ସୁନ୍ଦର ବୀଣାତାର;
ସାଜି ଉଠ ଆରେ ଭାରତ ଭୂଇଁର ସୈନିକ ଆଗୁସାର ।
ଏ ଦେଶ ମାଟିର ସିଂଧୁ; ସରିତ, ଦୁର୍ଗମ ଗିରିପଥେ;
ବିଜୟର-ଭେରୀ ବଜାଇ ଗଲରେ ମୁକ୍ତ-କୃପାଣହାତେ,
ଜାତିର ମସ୍ତକେ ଆଙ୍କିବ ତୁମେ ସତ୍ୟ 'ବିଜୟ ଟିକା'
ପଦ ଚିହ୍ନରେ ସୁର-ପାରିକାତ ବିକଶି କରିବ ଲେଖା ।
ତରୁଣ ଦଧୀଚି ବରଣ କରରେ; ଘନ-ତମିସ୍ରା ପଥ;
ଅତ୍ୟାଚାରୀର ଅତ୍ୟାଚାରରେ ହୁଅନାହିଁ ଅବନତ ।
ଭାଂଗି ଦିଅରେ ସୁଦୃଢ଼ କରେ ଅନ୍ୟାୟୀର ଗଡ଼;
ଫିଂଗି ଦିଅରେ ଶିଥିଳ-ସ୍ୱପ୍ନ ଜୀବନ ଯାତ୍ରା ବଡ଼ ।

**115.** କ'ଣ କଂପି ଉଠିବା ପାଇଁ କବି କହିଛନ୍ତି ?

(1) ବିଜୟରଭେରୀ

(2) ମନ ରାଇଜର ସୁନ୍ଦର ବୀଣାତାର

(3) ଜାତିର ମସ୍ତକ

(4) ସୈନିକମାନେ

**116.** ଭାରତ ଭୂଇଁର ସୈନିକ କ'ଣ ବଜାଇ ଚାଲିବେ ?

(1) ମୁକ୍ତ କୃପାଣ

(2) ବିଜୟଟୀକା

(3) ବିଜୟ ଭେରୀ

(4) ସୁନ୍ଦର ବୀଣାତାର

**117.** ସୈନିକମାନେ 'ବିଜୟଟୀକା' କେଉଁଠି ଆକିଂବେ ?

(1) ଦୁର୍ଗମ ଗିରିପଥରେ

(2) ଜାତିର ମସ୍ତକରେ

(3) ଦେଶ ମାଟିରେ

(4) ଭାରତ ଭୂଇଁରେ

**118.** କବି ତରୁଣ ଦଧୀଚି ବୋଲି କାହାକୁ କହିଛନ୍ତି ?

(1) ସୁର ପାରିଜାତକୁ

(2) ଭାରତ୍ ଭୂଇଁର ସୈନିକଙ୍କୁ

(3) ଶିଥିଳ ସ୍ୱପ୍ନକୁ

(4) ଅତ୍ୟାଚାରୀକୁ

**119.** ସୈନିକମାନେ କ'ଣ ବରଣ କରିବାକୁ କବି କରିଛନ୍ତି ?

(1) ଦୁର୍ଗମ ଗିରିପଥ

(2) ଅନ୍ୟାୟୀର ଗଡ଼

(3) ଘନ-ତମିସ୍ରା ପଥ

(4) ସିଂଧୁ ସରିତ

**120.** ପଦ ଚିହ୍ନରେ କ'ଣ ବିକଶିତ ହେବ ?

(1) ବିଜୟ ଟୀକା

(2) ଜୀବନ ଯାତ୍ରା

(3) ଶିଥିଳ ସ୍ୱପ୍ନ

(4) ସୁର-ପାରିଜାତ

Candidates should answer questions from the following Part only if they have opted for **ODIA** as **LANGUAGE – II**.

# ଭାଗ V

## ଭାଷା II

## ଓଡ଼ିଆ

*ନିର୍ଦ୍ଦେଶ : ସବୁଠାରୁ ଉପଯୁକ୍ତ ଉତ୍ତର ନିର୍ବାଚନକରି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।*

**121.** ସାଧାରଣତଃ ପରୀକ୍ଷା ଉଦ୍ଦେଶ୍ୟରେ ଇଂରାଜୀ ପାଠ୍ୟକ୍ରମରେ 'ସଂଳାପରଚନା'କୁ ଅନ୍ତର୍ଭୁକ୍ତ କରାଯାଇଛି

(1) ବ୍ୟାକରଣଗତ ନିର୍ଭୁଲତା

(2) କଥୋପକଥନ କୌଶଳ

(3) ସୃଜନକର୍ମ

(4) ଲିଖନ ପାରଦର୍ଶିତା

**122.** ଯାହା ପଢାଯାଇଥାଏ ତାହା ଜ୍ଞାନାର୍ଜନ କରିବା ନୁହେଁ, କାରଣ

(1) ଅନୌପଚାରିକ ଆଲୋଚନା ସମୟରେ ବିଦ୍ୟାର୍ଥୀ ମନୋନିବେଶ କରିଥାଏ

(2) ବିଦ୍ୟାର୍ଥୀଠାରୁ ଜଣେ ଶିକ୍ଷକର ସାମାଜିକ-ଆର୍ଥନୀତିକ ସ୍ତର ନିଶ୍ଚିତ ଭାବେ ଭିନ୍ନ ହେବ

(3) ବିଦ୍ୟାର୍ଥୀମାନେ ବିବିଧ ଗୁଣ, ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାନ୍ତି ଏବଂ ବିଭିନ୍ନ ପ୍ରକାର ବାତାବରଣ ଭିତରୁ ଆସିଥାନ୍ତି

(4) କୌଣସି ଏକ ବିଷୟରେ ଶିକ୍ଷକ ବା ବିଦ୍ୟାର୍ଥୀ ସଂପୂର୍ଣ୍ଣ ଜ୍ଞାନ ଅର୍ଜନ କରିନଥାନ୍ତି

**123.** ଯେଉଁଥିରେ ବିଷୟବସ୍ତୁରୁ କୌଣସି କାବ୍ୟ ମୁଖ୍ୟ ଭାବଧାରାକୁ ବହନ କରିଥାଏ –

(1) ଏକ ଭାଷଣ

(2) ଏକ ଅନୁଚ୍ଛେଦ

(3) ଏକ ବାର୍ତ୍ତାଳାପ

(4) ଏକ ପ୍ରବନ୍ଧ

**124.** ସଂରଚନାବାଦ (ନିର୍ମାଣବାଦ) ହେଉଛି ଏକ ସିଦ୍ଧାନ୍ତ, ଯେଉଁଥିଲେ ବିଦ୍ୟାର୍ଥୀ

(1) ବିଭିନ୍ନ ବିଷୟକୁ ଅନୁଭବ କରି ଏବଂ ଲବ୍ଧ ଅଭିଜ୍ଞତାକୁ ପାଥେୟକରି ନିଜର ଜ୍ଞାନର ପୃଥିବୀ ତଥା ବୋଧନଶକ୍ତିର ଗଠନ କରିଥାଏ

(2) ଶିକ୍ଷକଙ୍କଦ୍ୱାରା ସହାୟତା ଲାଭକରି ଗବେଷଣା ତଥା ନିଜର ବ୍ୟକ୍ତିଗତ ସିଦ୍ଧାନ୍ତ ଗଢିତୋଳିବା ପାଇଁ ବିଭିନ୍ନ ମାଧ୍ୟମର ସଦ୍‌ବ୍ୟବହାର କରିଥାଏ

(3) ନିଜର ଶିକ୍ଷାଉପକରଣ ତିଆରି କରିଥାଏ ଏବଂ ତଦ୍ୱାରା ଅଭିଜ୍ଞତା ଲାଭ କରିଥାଏ

(4) ବିଭିନ୍ନ ପ୍ରକାରର ଅସମ ଦୃଷ୍ଟାନ୍ତର ଅଧ୍ୟୟନ କରେ ଏବଂ ଏକ ନ୍ୟାୟସଙ୍ଗତ ଶେଷ ନିଷ୍ପତ୍ତିରେ ପହଂଚିଥାଏ

125. ଗୋଟିଏ ମାଧ୍ୟମ ଭିତରେ ଶିକ୍ଷା ସଂପର୍କୀୟ ସମ୍ବଳ ଅନୁଧ୍ୟାନରେ ଯୋଗାଯୋଗ ପ୍ରଯୁକ୍ତି କୌଶଳ ସମର୍ଥ ହୋଇଥାଏ

(1) ଇଣ୍ଟାନେଟ

(2) ଡ଼େଲନେଟ

(3) ଏରନେଟ

(4) ଇଣ୍ଟରନେଟ୍

126. 'କଂପୁଟର ମାଧ୍ୟମରେ ବାସ୍ତବ ଜଗତର ଅନୁକରଣ' (virtual reality) ହେଉଛି –

(1) ଭିଡ଼ିଓ କନଫରେନସିଙ୍ଗ (ଭିଡ଼ିଓ ମାଧ୍ୟମରେ ଅନୁଷ୍ଠିତ ସଭା)

(2) କଂପୁଟର ପ୍ରସୁତ ଏକ ଉନ୍ନତ ଦୃଶ୍ୟମାଧ୍ୟମ

(3) ଭିଡ଼ିଓ ଡ଼ିସ୍କ (ଚଳଚିତ୍ର ଓ ଶବ୍ଦ ଗ୍ରହଣ ପାଇଁ ବ୍ୟବହୃତ ଚକି)

(4) ଟେଲିକନ୍‌ଫରେନ୍‌ସିଙ୍ଗ (ଟେଲିଭିଜନ ମାଧ୍ୟମରେ ଅନୁଷ୍ଠିତ ସମ୍ମେଳନ)

127. 'ପଶ୍ଚାତନିର୍ମାଣ' (back-formation) ଶବ୍ଦର କେତୋଟି ଉଦାହରଣ

(1) ମୋଟର + ହୋଟେଲ > ମୋଟେଲ

(2) କର + ପତ୍ର > କରପତ୍ର

(3) ମନ୍ତ୍ର > ମନ୍ତ୍ର

(4) ଖନନକାରୀ > ଖନନ

128. ଦୁଇଟି ଶବ୍ଦ ଯୁଗ୍ମଜର ଉଦାହରଣ

(1) ଦାନାପାଣି/ସମୟକ୍ଷୁଆର

(2) ଶୀତତାପ ନିୟନ୍ତ୍ରଣ/କରଦାତା

(3) ତୈଳକୂପ/ଛାପାକାଗଜ

(4) ମୁଣ୍ଡବିନ୍ଧା/ବୃଷ୍ଟିପାତ

129. ଭାଷା ଆହରଣ

(1) ଶବ୍ଦାବଳୀର କଂଠସ୍ଥକରଣ ତଥା ବ୍ୟାକରଣ ବୋଧଶକ୍ତି ଏବଂ ପ୍ରୟୋଗ କ୍ଷେତ୍ରରେ ଏକ ଯଥାର୍ଥ ସାଧନ

(2) ମାନବ ମସ୍ତିଷ୍କର ସ୍ୱଭାବସିଦ୍ଧ ଆୟତନ ଦୃଷ୍ଟିରୁ ଜନ୍ମଗତ ଭାଷା କିମ୍ବା ଦ୍ୱିତୀୟଭାଷା ଆହରଣ ପ୍ରକ୍ରିୟାକୁ ବୁଝାଏ

(3) ପରିବେଶ ଅନୁଧ୍ୟାନ କରିବାର ଏହା ଏକ କୌଶଳ ଯେଉଁଥିରେ ପିଲାମାନେ ନିଜର ଜନ୍ମଗତ ଭାଷାକୁ ଅଧ୍ୟୟନ କରିଥାନ୍ତି

(4) ସ୍ମରଣ ଏବଂ ଆବଶ୍ୟକ ଶବ୍ଦାବଳୀ ବ୍ୟବହାରର ଅପେକ୍ଷା ରଖେ

130. NCF 2005 ଅନୁସାରେ ଶିକ୍ଷାର ଲକ୍ଷ୍ୟ ହେଉଛି ବିକ୍ଷିପ୍ତ ଚିନ୍ତାଧାରା ପାଇଁ ଏକ ସାଧନ ଏବଂ ସାକ୍ଷରତା ମାଧ୍ୟମରେ ଜ୍ଞାନ ଆହରଣ

(1) ପ୍ରଥମଭାଷା

(2) ତୃତୀୟଭାଷା

(3) ଶାସ୍ତ୍ରୀୟଭାଷା

(4) ଦ୍ୱିତୀୟଭାଷା

131. ଖଣ୍ଡିତକ୍ରିୟାର ଉଦାହରଣଗୁଡିକ ହେଉଛି –

(1) ଚାରିଆଡ଼କୁ ଚାହିଁବା/ବାହାରକୁ ଯିବା

(2) ଖେଳଘର/ପାନଶାଳା

(3) ଭଲପାଇବା/ଦେଖିନପାରିବା

(4) ବସଷ୍ଟାଣ୍ଡ/ପାର୍କିଙ୍ଗମିଟର

132. ବିଷୟକେନ୍ଦ୍ରିକ ସାଧନ୍‌ରେ ଜ୍ଞାନାର୍ଜନ ବ୍ୟାପାରଟି ଆଧାରିତ ହୋଇଥାଏ

(1) ବିଷୟବସ୍ତୁ ଉପରେ ଶିକ୍ଷକଙ୍କ ପାରଦର୍ଶିତା

(2) ବିଷୟବସ୍ତୁ

(3) ଶିକ୍ଷା ସମ୍ବନ୍ଧୀୟ ଜ୍ଞାନକୌଶଳ

(4) ବିଦ୍ୟାର୍ଥୀର ଆଗ୍ରହ

133. ପରୀକ୍ଷାର ମାନଦଣ୍ଡ ହେଉଛି ଏକ –

(1) ପ୍ରଶ୍ନ ଅନୁସାରେ ମାର୍କ ଆବଣ୍ଟନ

(2) ଗୋଟିଏ ଛାତ୍ରର ସାମର୍ଥ୍ୟ ଉପରେ ସାଧାରଣ ଧାରଣା

(3) ସ୍କୋରିଙ୍ଗ୍‌ର ଚାବିକାଠି

(4) ମୂଲ୍ୟାୟନ ମାର୍ଗଦର୍ଶିକା

134. 'କୌଶଲ୍ୟା' ଶବ୍ଦରେ 'କୌ'ର ପ୍ରତିଲିପିକରଣ ହୋଉଛି –

(1) /କ ଓ/

(2) /କ ଉ/

(3) /କଓଉ/

(4) /କ ଔ/

135. ପଠନ ସମୟରେ ଗ୍ରହଣକୌଶଳ (Gathering skills) ହେଉଛି

(1) ନୋଟ ତିଆରି କରିବା

(2) ସାରାଂଶ ପ୍ରସ୍ତୁତ କରିବା

(3) ବୋଧଶକ୍ତି ପରୀକ୍ଷଣ

(4) ନୋଟ ଗ୍ରହଣକରିବା/ଲେଖିବା

*ନିର୍ଦ୍ଦେଶ : ନିମ୍ନ ପ୍ରଦତ୍ତ ପାଠ୍ୟାଂଶକୁ ପାଠ କରି ଉପଯୁକ୍ତ ସଠିକ୍ ଉତ୍ତରଟି ନିର୍ବାଚନ କର । (ପ୍ରଶ୍ନ 136–141)*

ମନ ଓ ରୋଗ-ନିରୋଧ-ଶକ୍ତି ଭିତରେ ଥିବା ସମ୍ପର୍କ ବିଷୟରେ ଜ୍ଞାନ କିଛି ନୂଆ କଥା ନୁହେଁ । ଶତାଧିକ ବର୍ଷ ହେଲା ଡ଼ାକ୍ତରମାନେ ଜାଣିଲେଣି ଯେ ଭଣ୍ଡୁକ ଗ୍ରନ୍ଥି (ଥାଇମସ୍), ହାଡ ନଳୀରେ ଥିବା ଶସ (ବୋନ୍ ମାରୋ) ଓ ଲସୀକାଗ୍ରନ୍ଥି (ଲିମ୍ଫାନୋଡ୍) ଭଳି ମୁଖ୍ୟ ରୋଗ-ନିରୋଧକାରୀ ଅଙ୍ଗର ଚାରିପଟେ ଜାଲ ଭଳି ସ୍ନାୟୁତନ୍ତୁ ମାନ ଛନ୍ଦି ହୋଇ ରହିଛି । ତେଣୁ ସ୍ନାୟୁ ବ୍ୟବସ୍ଥା ସହିତ ରୋଗ ପ୍ରତିରୋଧ ଶକ୍ତିର ସମ୍ପର୍କ ରହିଛି । ପରେ ସେମାନେ କାମରେ ଦେଖିଲେ ଯେ ପ୍ରାଣୀର

ମସ୍ତିଷ୍କର ନିର୍ଦ୍ଦିଷ୍ଟ ଅଂଶକୁ ବିଜୁଳି ଦେଇ ରୋଗୀର ରୋଗ କମାଇ ଦିଆଯାଇପାରେ ବା ବଢାଇ ଦିଆଯାଇପାରେ । ଦୁର୍ଘଟଣାରେ ମୁଣ୍ଡ ପିଟି ହୋଇ ବେହାସ ହେଲେ ଲୋକ ବାକ୍‌ଶକ୍ତି, ଶ୍ରବଣଶକ୍ତି ଅଥବା ଦୃଷ୍ଟିଶକ୍ତି, ଏପରିକି ଚଳପ୍ରବଳ ଶକ୍ତି ହରାଇଥାଏ । ଏ ଖବର ଆମେ ପଢ଼ିଛୁ । କିନ୍ତୁ ଏହା କିପରି ଘଟେ ଆମକୁ ଆଗରୁ ଜଣା ନ ଥିଲା । ବରଂ ବ୍ୟାକ୍ଟ୍ରିୟା (ଜୀବାଣୁ) ମାନଙ୍କୁ ମାରିବା ପାଇଁ ଶ୍ୱେତ ରକ୍ତକଣିକା ଆଗେଇ ଆସୁଥିବାର ଦେଖି ଡାକ୍ତର ମାନେ ଭାବୁ ଥିଲେ ଏଦିଗରେ ସ୍ନାୟୁ ବ୍ୟବସ୍ଥାର କୌଣସି କାମ ନାହିଁ । କିନ୍ତୁ ଏବେ ଗବେଷକମାନେ ପ୍ରଶ୍ନ କରୁଛନ୍ତି, ଯଦି ଶରୀରର ଯେକୌଣସି ବ୍ୟବସ୍ଥା ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରିତ ଓ ସଂକାଳିତ ହେଉଛି, ତେବେ ବଞ୍ଚିବା ପାଇଁ ସବୁଠାରୁ ବେଶି ଦରକାର ହେଉଥିବା ରୋଗ ନିରୋଧ ବ୍ୟବସ୍ଥା କାହିଁକି ଏହାର ବ୍ୟତିକ୍ରମ ହେବ ? ପରୀକ୍ଷା ନଳୀରେ ରୋଗ-ନିରୋଧ କଣିକା ଏକାକୀ କାମ କରିପାରେ ବୋଲି ମସ୍ତିଷ୍କ ବା ସ୍ନାୟୁ ବ୍ୟବସ୍ଥାର କିଛି ଦରକାର ନାହିଁ ବୋଲି ଭାବିବା ଭୁଲ ହେବ । ସ୍କୁଲରେ ପିଲାମାନେ ବେଙ୍ଗ ଦେହରୁ ତାହାର ହୃତପିଣ୍ଡକୁ ବାହାର କରି ନେଇ ସ୍ପନ୍ଦନ କରୁଛି ଦେଖାନ୍ତି ବୋଲି ଆମେ କ'ଣ ଧରିନେବା ଯେ ଶରୀରରେ ନ ଥାଇ ମଧ୍ୟ ହୃତ୍‌ପିଣ୍ଡ କାମ କରିବ ?

ଗବେଷକମାନେ ନିଶ୍ଚିତ ଯେ ସ୍ନାୟୁମାନେ ନ୍ୟୁରୋଟ୍ରାନ୍‌ସମିଟର ନାମକ ଯେଉଁ ରାସାୟନିକ ପଦାର୍ଥମାନ କ୍ଷରଣ କରନ୍ତି, ତାହା ରୋଗ ନିରୋଧକାରୀ କୋଷର ସଂଖ୍ୟା ବୃଦ୍ଧି କରେ ଏବଂ ହର୍ମୋନ କ୍ଷରଣ କରାଇ ରୋଗ ବିରୁଦ୍ଧରେ ଲଢିବା ଶକ୍ତି ବଢାଏ । ସେମାନେ ଦେଖିଲେଣି, ଲସୀକାଗ୍ରନ୍ଥି ଭଳି ରୋଗ ନିରୋଧକ ଅଙ୍ଗ ସହିତ ସ୍ନାୟୁତନ୍ତୁ ଗୁଡିକ ବନ୍‌ଶୀ କଣ୍ଟା ଭଳି ଲାଖି ହୋଇ ରହେ । ଏହା ଟେଲିଫୋନ୍ ତାର ଭଳି କାମକରେ । କର୍କଟ ବା ଅନ୍ୟ ସଂକ୍ରମଣ ବିରୁଦ୍ଧରେ ଲଢେଇ କରି ଯେଉଁ କ୍ଷୁଦ୍ର ଶ୍ୱେତ ରକ୍ତ କଣିକା ବା ଲିମ୍ଫୋସାଇଟସ୍ ସହିତ ସ୍ନାୟୁ ତନ୍ତୁ ଗୁଡିକ ଯୋଖି ହୋଇଯାଆନ୍ତି, ସେଗୁଡିକ ମଧ୍ୟ ଟେଲିଫୋନ ତାର ଭଳି ମସ୍ତିଷ୍କରୁ ଖବର ଆଣନ୍ତି ।

**136.** ଅଙ୍ଗର ଚାରିପଟେ ଢାଲଭଳି କିଏ ଛନ୍ଦି ହୋଇ ରହିଛି ?

(1) ଲସୀକା ଶକ୍ତି

(2) ସ୍ନାୟୁତନ୍ତୁମାନ

(3) ଶ୍ୱେତରକ୍ତ କଣିକା

(4) ରୋଗବିରୋଧ ଶକ୍ତି

**137.** ରୋଗୀର ରୋଗକୁ କିପରି କମାଇ ବା ବଢାଇ ଦିଆଯାଇପାରେ ?

(1) ରୋଗ ନିରୋଧକ ଶକ୍ତି ଦ୍ୱାରା

(2) ବ୍ୟାକ୍ଟ୍ରିୟା ଦ୍ୱାରା

(3) ମସ୍ତିଷ୍କର ନିର୍ଦ୍ଦିଷ୍ଟ ଅଂଶକୁ ବିଜୁଳି ଦେଇ

(4) ସ୍ନାୟୁତନ୍ତୁକୁ ପରୀକ୍ଷାକରି

138. ବଞ୍ଚିବା ପାଇଁ ସବୁଠାରୁ ବେଶି ଦରକାର କ'ଣ ?

(1) ରୋଗନିରୋଧ ବ୍ୟବସ୍ଥା

(2) ବୋନ୍ ମାରୋ

(3) ହର୍ମୋନ

(4) ମସ୍ତିଷ୍କ ସଂଚାଳନ

139. ଶ୍ୱେତ ରକ୍ତ କଣିକା ସହିତ କିଏ ଯୋଖି ହୋଇଥାଆନ୍ତି ?

(1) ରାସାୟନିକ ପଦାର୍ଥ

(2) ରୋଗନିରୋଧ କଣିକା

(3) ଲସୀକା ଗ୍ରନ୍ଥି

(4) ସ୍ନାୟୁ ତନ୍ତୁ ଗୁଡ଼ିକ

140. ରୋଗନିରୋଧକ ଅଂଗସହିତ ବନ୍‌ଶୀ କଣ୍ଟାଭଳି କିଏ ଲାଖିହୋଇରହେ ?

(1) ଟେଲିଫୋନତାର ଭଳି ମସ୍ତିଷ୍କ ଖବର

(2) ସ୍ନାୟୁତନ୍ତୁ ଗୁଡ଼ିକ

(3) ଶ୍ୱେତ ରକ୍ତ କଣିକା

(4) ରୋଗନିରୋଧକାରୀ କୋଷ

141. ବ୍ୟାକ୍‌ଟ୍ରିୟା (ଜୀବାଣୁ) ମାନଙ୍କୁ ମାରିବା ପାଇଁ କିଏ ଆଗେଇ ଆସନ୍ତି ?

(1) ହୃତ୍ ପିଣ୍ଡର ସ୍ପନ୍ଦନ

(2) ଶ୍ୱେତ ରକ୍ତ କଣିକା

(3) ଥାଇମସ୍

(4) ହର୍‌ମୋନ୍

*ନିର୍ଦ୍ଦେଶ : ନିମ୍ନ ପ୍ରଦତ୍ତ ଗଦ୍ୟାଂଶଟି ପାଠକରି ଉପଯୁକ୍ତ ଓ ସଠିକ୍ ଉତ୍ତରଟି ନିର୍ବାଚନକର । (ପ୍ରଶ୍ନ 142–150)*

ଆଜି ପୃଥିବୀରେ ଅନେକ ରାଷ୍ଟ୍ର ଧର୍ମ ବିଗୁରକୁ ସ୍ୱାଧୀନତା ଦେଇଥିବାବେଳେ କେତେଳ କିନ୍ତୁ ଧର୍ମଭିତ୍ତିରେ ସୃଷ୍ଟି ହୋଇଛନ୍ତି । ଏସବୁ ଭିତରେ ଭାରତର ସମସ୍ୟା ସ୍ୱତନ୍ତ୍ର । ନିଜେ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ହେଲେ ମଧ୍ୟ ଏହାର ପଡ଼ୋଶୀ ରାଷ୍ଟ୍ର ଏକ ନିର୍ଦ୍ଦିଷ୍ଟ ଧର୍ମଭିତ୍ତିରେ ପ୍ରତିଷ୍ଠା ହୋଇଛି । ଏହାର ପ୍ରଭାବରେ ଭାରତରେ ସାଂପ୍ରଦାୟିକ ବିଗୁରଧାରାର ସ୍ୱତଃ ସୃଷ୍ଟି ହେଉଛି । ଏସରିକି ଏବେ ମଧ୍ୟ ଏହି ଶବ୍ଦଟିର ବିସ୍ତୃତ ନିର୍ଭୁଲ ତର୍ଜମା କରାଯାଇ ନାହିଁ, ବରଂ ଭିନ୍ନ ଗୋଷ୍ଠୀ ନିଜ ଶୈଳୀରେ ସାଂପ୍ରଦାୟିକତାର ସଂଜ୍ଞା ନିରୂପଣ କରି ଗୁଲିଛନ୍ତି ।

ତେବେ ଭାରତର ପ୍ରାଚୀନ ସନାତନ ଧର୍ମ ବାସ୍ତବରେ ହିନ୍ଦୁ, ଇସ୍‌ଲାମ କିମ୍ବା ଈଶାଇ ଧର୍ମ ନୁହେଁ, ବରଂ ମାନବିକତା ଓ ଆଧ୍ୟାତ୍ମିକତାର ସମନ୍ୱୟରେ ଏହି ଧର୍ମ ସୃଷ୍ଟି ହୋଇଥିଲା । ଏଥିରେ ମମିଷ ଭିତରେ

ଦେବତ୍ୱର ସନ୍ଧାନ ମିଳିଥିଲା । ତେଣୁ ଏଇ ମାଟି ଉପରେ ରାମ, କୃଷ୍ଣ, ବୁଦ୍ଧଙ୍କର ଅବତାର ହୋଇଥିଲା ।

ପୁରାଣର କାହାଣୀ ବା କିମ୍ୱଦନ୍ତୀକୁ ଛାଡ଼ିଦେଲେ ଭାରତ ଇତିହାସରେ ଧର୍ମ ନିରପେକ୍ଷତାର ବହୁ ସୁନ୍ଦର ଉଦାହରଣ ମିଳେ । କବୀରଙ୍କ ପ୍ରତ୍ୟେକଟି ଭକ୍ତିଗୀତରେ ଏହି ଚେତନା ସ୍ପଷ୍ଟ ଓ ସୁନ୍ଦରଭାବେ ପ୍ରକାଶିତ ହୋଇଛି । ଗୁରୁ ନାନକ ଯେଉଁ ସଂଗ୍ରାମୀ ଗୋଷ୍ଠୀ ତିଆରି କରିଛନ୍ତି, ତା'ର ମୂଳସୂତ୍ର ହିନ୍ଦୁ ଓ ଇସ୍‌ଲାମ ଉଭୟ ଧର୍ମରେ ରହିଛି । ଏପରିକି ଶିଖ୍‌ମାନଙ୍କର ସର୍ବଶ୍ରେଷ୍ଠ ପୀଠ ସ୍ୱର୍ଣ୍ଣମନ୍ଦିରର ଭିତ୍ତି ପ୍ରତିଷ୍ଠାରେ ଉଭୟ ଧର୍ମର ବିଦ୍ୱାନମାନଙ୍କ ସଂପୃକ୍ତି ଆମ ଦେଶର ଧର୍ମ ନିରପେକ୍ଷ ଚିନ୍ତା–ଚେତନାର ପ୍ରମାଣ । ଆକବରଙ୍କ ଦୀନଇଲାହୀ ଧର୍ମ ଓ ରାଜପୁତ୍ ପରିବାରରେ ବିବାହ ମଧ୍ୟ ଏ ଭୂମିରେ ଅଣସାଂପ୍ରଦାୟିକ ବିଚାର–ବିକାଶର ଉଦାହରଣ ।

ସବୁଠାରୁ ଉଲ୍ଲେଖନୀଯ ତଥ୍ୟ ହେଉଛି, ମୋଗଲ ସମ୍ରାଟ ସାହାଜାହାନ୍‌ଙ୍କ ବଡପୁଅ ଦାରା ଶିକୋହ ଋଗ୍‌ବେଦର ତିନୋଟି, ଯଜୁର୍ବେଦର ବାରଗୋଟି, ସାମବେଦର ଗୋଟିଏ ଏବଂ ଅଥର୍ବ ବେଦର ଛତିଶଟି ଉପନିଷଦକୁ ପାରସି ଭାଷାରେ ଅନୁନାଦ କରାଇଥିଲେ । ଏହି ସଂକଳନଟିର ନାମ ଥିଲା 'ସୀଚର୍ର ଆକବର' । ଏହି ଗ୍ରନ୍ଥଟିର ଭୂମିକା ଦାରା ନିଜେ ଲେଖିଥିଲେ ଏବଂ ପବିତ୍ର କୋରାନ୍ ତଥା ଉପନିଷଦର ବର୍ଣ୍ଣନାଗୁଡ଼ିକରେ ଏକେଶ୍ୱରବାଦ ସମଭାବରେ ଉପଲବ୍ଧ ବୋଲି ସେ ଦର୍ଶାଇଥିଲେ । ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ରଚିତ ଏହି ଗ୍ରନ୍ଥକୁ ପ୍ରାୟ ଦୁଇଶହ ବର୍ଷପରେ ଲାଟିନ୍ ଭାଷାରେ ଅନୁବାଦ କରାଯାଇଥିଲା । ଊନବିଂଶ ଶତାବ୍ଦୀର ଆରମ୍ଭରେ ପୁଣି ଏହାଜର୍ମାନୀ ଭାଷାରେ ମଧ୍ୟ ଅନୁବାଦ କରାଯାଇଥିଲା । ଏଥରୁ ଏହି ଗ୍ରନ୍ଥ, ଏହାର ବହୁତ ଧର୍ମନିରପେକ୍ଷତା ରୂପକ ଆଦର୍ଶର ଲୋକପ୍ରିୟତା ସହଜରେ ଜଣାପଡ଼େ ।

**142.** ନିର୍ଦ୍ଦିଷ୍ଟ ଧର୍ମଭିତ୍ତିରେ କେଉଁ ରାଷ୍ଟ୍ର ପ୍ରତିଷ୍ଠା ହୋଇଛି?

(1) ଭାରତର ପଡ଼ୋଶୀ ରାଷ୍ଟ୍ର

(2) ଭାରତ

(3) ସାଂପ୍ରଦାୟିକ ରାଷ୍ଟ୍ର

(4) ସ୍ୱାଧୀନ ରାଷ୍ଟ୍ର

**143.** କାହାର ସମନ୍ୱୟରେ ପ୍ରାଚୀନ ସନାତନଧର୍ମ ସୃଷ୍ଟି ହୋଇଥିଲା ?

(1) ହିନ୍ଦୁଧର୍ମ ଓ ଇସଲାମ ଧର୍ମ ସମନ୍ୱୟରେ

(2) ପୁରାଣ ଏବଂ କିମ୍ୱଦନ୍ତୀ ସମନ୍ୱୟରେ

(3) ଧର୍ମ ନିରପେକ୍ଷତାର ସମନ୍ୱୟରେ

(4) ମାନବିକତା ଓ ଆଧ୍ୟାତ୍ମିକତାର ସମନ୍ୱୟରେ

**144.** ମଣିଷ ଭିତରେ ଦେବତ୍ୱର ସଂଧାନ ଭାରତରେ କିପରି ହୋଇଥିଲା ?

(1) ଧାର୍ମିକ ଚେତନା ଭିତରେ

(2) ମାନବିକତାର ମୂଲ୍ୟ ବୋଧ ଭିତରେ

(3) ରାମ, କୃଷ୍ଣ, ବୁଦ୍ଧଙ୍କର ଅବତାର ଭିତରେ

(4) ଆଧ୍ୟାତ୍ମିକତାର ଉତ୍କର୍ଷରେ

**145.** ଗୁରୁ ନାନକଙ୍କ ସଂଗ୍ରାମୀ ଗୋଷ୍ଠୀର ମୂଳ ସୂତ୍ର କେଉଁ ଧର୍ମରେ ରହିଛି ?

(1) ସ୍ୱର୍ଣ୍ଣ ମନ୍ଦିର ଧର୍ମ ଗ୍ରଂଥରେ

(2) ହିନ୍ଦୁ ଓ ଇସଲାମ ଉଭୟ ଧର୍ମରେ

(3) ପୁରାଣ ଓ କମ୍ବଦନ୍ତୀରେ

(4) କବୀରଙ୍କ ଭକ୍ତି ଗୀତରେ

**146.** ଭାରତ ଭୂଇଁରେ ଅଣସାଂପ୍ରଦାୟିକ ବିଚାର ବିକାଶର କି ଉଦାହରଣ ରହିଛି ?

(1) ପୁରାଣ ଓ ଇତିହାସ ପୃଷ୍ଠାରେ

(2) କବୀରଙ୍କ ଭକ୍ତିଗୀତରେ

(3) ଉପନିଷଦ ଅନୁବାଦରେ

(4) ଆକବରଙ୍କ ଦୀନ ଇଲାହୀ ଧର୍ମ ଓ ରାଜପୁତ ପରିବାରରେ ବିବାହ

**147.** ସାହାଜାହାନଙ୍କ ବଡ଼ପୁଅ ଦାରା ଉପନିଷଦକୁ କେଉଁ ଭାଷାରେ ଅନୁବାଦ କରାଇଥିଲେ ?

(1) ଜର୍ମାନୀ ଭାଷାରେ

(2) ସଂସ୍କୃତ ଭାଷାରେ

(3) ଲାଟିନ୍ ଭାଷାରେ

(4) ପାରସି ଭାଷାରେ

**148.** କବୀରଙ୍କ ଭକ୍ତି ଗୀତରେ କେଉଁ ଚେତନା ପ୍ରମାଣିତ ହୋଇଛି ?

(1) ପୌରାଣିକ ଚେତନା

(2) ଧର୍ମ ନିରପେକ୍ଷତାର ଚେତନା

(3) ଧର୍ମ ଚେତନା

(4) ସାଂପ୍ରଦାୟିକ ଚେତନା

**149.** ଦାରା କୋରାନ୍ ଏବଂ ଉପନିଷଦର ବର୍ଣ୍ଣନାରେ କ'ଣ ଉପଲବ୍ଧ ବୋଲି ଦର୍ଶାଇଥିଲେ ?

(1) ମାନବିକତା ବାଦ

(2) ଏକେଶ୍ୱର ବାଦ ସମଭାବରେ ଉପଲବ୍ଧ

(3) ସର୍ବଧର୍ମ ଭାବ

(4) ଉଦାର ଭାବ

**150.** 'ସୀଚର ଆକବର' ଗ୍ରଂଥ ଜର୍ମାନୀ ଭାଷାରେ କେବେ ଅନୁବାଦ କରାଯାଇଥିଲା ?

(1) ବିଂଶ ଶତାବ୍ଦୀର ଆରମ୍ଭରେ

(2) ଊନବିଂଶ ଶତାବ୍ଦୀର ଆରମ୍ଭରେ

(3) ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ

(4) ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ

# SPACE FOR ROUGH WORK

# SPACE FOR ROUGH WORK

*ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :*

1. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା–2 ରେ ବ୍ଲୁ କିମ୍ବା ବ୍ଲାକ୍ ବଲ୍ ପଏଣ୍ଟ ପେନ୍‌ରେ ମାର୍କ କରନ୍ତୁ । ଥରେ ମାର୍କ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।

2. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।

3. ପ୍ରଶ୍ନପତ୍ର ଓ ଉତ୍ତରଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।

4. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।

5. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ବୈଦ୍ୟୁତିକ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।

6. ପରୀକ୍ଷକ ଗହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।

7. ପରୀକ୍ଷା ପରିଗଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।

8. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି, ବୋଲି ଧରିନିଆଯିବ ।

9. କୌଣସି ପ୍ରକାର କାଲ୍‌କୁଲେଟ ବ୍ୟବହାରକୁ ଅନୁମତି ମିଳିବ ନାହିଁ ।

10. ପରୀକ୍ଷା ପରିଗଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

11. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ଚାହାର ବା ପୃଥକ କରାଯାଇପାରିବ ନାହିଁ ।

12. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ଅବିକଳ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇ ପାରିବେ ।**

**READ CAREFULLY THE FOLLOWING INSTRUCTIONS :**

1. Out of the four alternatives for each question, only one circle for the correct answer is to be darkened completely with Blue/Black Ball Point Pen on Side-2 of the OMR Answer Sheet. The answer once marked is not liable to be changed.
2. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
3. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
4. The candidates will write the correct Test Booklet Code and Number as given in the Test Booklet / Answer Sheet in the Attendance Sheet.
5. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/room.
6. Each candidate must show on demand his / her Admission Card to the Invigilator.
7. No candidate, without special permission of the Superintendent or Invigilator, should leave his / her seat.
8. The candidates should not leave the Examination Hall without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet a second time will be deemed not to have handed over the Answer Sheet and dealt with as an unfair means case.
9. Use of Electronic / Manual Calculator is prohibited.
10. The candidates are governed by all Rules and Regulations of the Board with regard to their conduct in the Examination Hall. All cases of unfair means will be dealt with as per Rules and Regulations of the Board.
11. No part of the Test Booklet and Answer Sheet shall be detached under any circumstances.
12. **On completion of the test, the candidate must hand over the Answer Sheet to the Invigilator in the Room / Hall.** ***The candidates are allowed to take away this Test Booklet with them.***

**निम्नलिखित निर्देश ध्यान से पढ़ें :**

1. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के पृष्ठ-2 पर केवल एक वृत्त को ही पूरी तरह नीले/काले बॉल पॉइन्ट पेन से भरें । एक बार उत्तर अंकित करने के बाद उसे बदला नहीं जा सकता है ।
2. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ । परीक्षार्थी अपना अनुक्रमांक उत्तर पत्र में निर्धारित स्थान के अतिरिक्त अन्यत्र न लिखें ।
3. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी ।
4. परीक्षा पुस्तिका / उत्तर पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाज़िरी-पत्र में लिखें ।
5. परीक्षार्थी द्वारा परीक्षा हॉल/कक्ष में प्रवेश कार्ड के सिवाय किसी प्रकार की पाठ्य सामग्री, मुद्रित या हस्तलिखित, काग़ज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है ।
6. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-कार्ड दिखाएँ ।
7. अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें ।
8. कार्यरत निरीक्षक को अपना उत्तर पत्र दिए बिना एवं हाज़िरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल नहीं छोड़ेंगे । यदि किसी परीक्षार्थी ने दूसरी बार हाज़िरी-पत्र पर हस्ताक्षर नहीं किए तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा ।
9. इलेक्ट्रॉनिक / हस्तचालित परिकलक का उपयोग वर्जित है ।
10. परीक्षा-हॉल में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं । अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा ।
11. किसी हालत में परीक्षा पुस्तिका और उत्तर पत्र का कोई भाग अलग न करें ।
12. **परीक्षा सम्पन्न होने पर, परीक्षार्थी कक्ष / हॉल छोड़ने से पूर्व उत्तर पत्र कक्ष-निरीक्षक को अवश्य सौंप दें ।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं ।***

SEAL